**ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚ**

ମେଟ୍ରୋପଲିଟାନ୍‌ଙ୍କ କାର୍ଯ୍ୟାଳୟ, ସିନୋଡ୍ ସେକ୍ରେଟାରିଏଟ୍, ସେଣ୍ଟ୍ ଥୋମାସ୍ କମ୍ୟୁନିଟି, ଥିରୁଭାଲ୍ଲା, କେରଳ, ଭାରତ

# ମେଷ ପାଳକଙ୍କ ପତ୍ର

**ଜୁଲାଇ/ଅଗଷ୍ଟ ୨୦୨୩**

ସମସ୍ତ ଆର୍ଚ୍ଚବିଶପ୍, ବିଶପ୍, ଯାଜକ, ଡିକନ୍, ଏଭାଞ୍ଜେଲିଷ୍ଟ, ଅର୍ଡର୍ ଅଫ୍ ସିଷ୍ଟର୍ସ୍ ତଥା ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚର ସମସ୍ତ ବିଶ୍ୱସ୍ତ ମାନଙ୍କୁ ଆଶିର୍ବାଦ ତଥା ଅଭିନନ୍ଦନ । ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଆମେନ୍ ।

ଖ୍ରୀଷ୍ଟରେ ମୋର ପ୍ରିୟମାନେ,

ଆମେ ରୂପାନ୍ତରଣ କାଳରେ ପ୍ରବେଶ କରିବାକୁ ଯାଉଅଛୁ । ଏହି ସମୟରେ ଆମେ ଯେତେବେଳେ ଉତ୍ସବ ପାଳନ କରୁ ଏବଂ ସ୍ମରଣ କରୁ ଯେ, ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣା ଦିବ୍ୟ ମହିମାକୁ ପ୍ରକାଶ କରି ରୂପାନ୍ତରିତ ହୋଇଥିଲେ(ମାଥିଉ ୧୭;୧-୮) । ଏହି ପର୍ବ ଆମକୁ ସ୍ମରଣ କରାଏ ଯେ, ଆମ ଅର୍ଥୋଡକ୍ସ ଖ୍ରୀଷ୍ଟିୟାନ ଜୀବନର ଲକ୍ଷ୍ୟ ଅଧିକରୁ ଅଧିକ ପରମେଶ୍ୱରଙ୍କ ଈଶ୍ୱରୀୟ ସ୍ୱଭାବରେ ପରିବର୍ତ୍ତିତ ହେବା ୨ୟ କରନ୍ଥୀୟ ୩:୧୮ । ଏହି ପ୍ରକ୍ରିୟା ସାଧାରଣତଃ "ଥିୟୋସିସ୍" ବା ଈଶ୍ୱରୀୟ ସଦୃଶ୍ୟ ଭାବରେ ପରିଚିତ । କିନ୍ତୁ ଆମେ ଏହା କିପରି ପ୍ରାପ୍ତ ହୋଇପାରିବା ?

## ୧. ଯୀଶୁ ଖ୍ରୀଷ୍ଟ ଆମର ମାପଦଣ୍ଡ ହେବା ଉଚିତ୍ –

ଆଦ୍ୟ ମଣ୍ଡଳୀର ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟିୟାନ କୁହାଯାଉଥିଲା । ପ୍ରେରିତ ୧୧:୨୬) । କାରଣ ସେମାନେ ଖ୍ରୀଷ୍ଟିୟ ସ୍ୱଭାବରେ ଜୀବନଯାପନ କରୁଥିଲେ । ବାସ୍ତବିକ ଭାବରେ ସାଧୁ ଇଗ୍ନେସିୟସ୍, ଏକ ଆଦ୍ୟ ମଣ୍ଡଳୀର ଆତ୍ମିକ ପିତା ଓ ମଣ୍ଡଳୀର ବିଶପ୍, ନିଜକୁ ପରମେଶ୍ୱରଙ୍କ ବାହକ କହୁଥିଲେ । ଆଜି ଯଦି ଆମ ଚତୁଃପାର୍ଶ୍ୱର ଲୋକମାନେ ଆମକୁ ନିରୀକ୍ଷଣ କରନ୍ତି ତେବେ ସେମାନେ ଆମକୁ କ'ଣ କହିବେ? କ'ଣ ସେମାନେ ଆମକୁ ଗପସପ କରୁଥିବା ବ୍ୟକ୍ତି, କ୍ରୋଧୀ, ଅର୍ଥୋଲଭୀ, ବିଦ୍ରୋହୀ, ଅଭିମାନୀ କିମ୍ବା କଠୋର ବ୍ୟକ୍ତି କହିବେ? ଆମେ କ'ଣ ପ୍ରକୃତରେ ଖ୍ରୀଷ୍ଟିୟାନ କୁହାଯିବାର ଯୋଗ୍ୟ ଅଟୁ ?

ଆମେ ଆମର ଅଣଖ୍ରୀଷ୍ଟିୟାନ ସ୍ୱଭାବ ଓ ବ୍ୟବହାର ପାଇଁ ବିଭିନ୍ନ ପ୍ରକାର ବାହାନା କରିପାରୁ କିନ୍ତୁ ଆମ ଉଦାହରଣ ଯୀଶୁ ଖ୍ରୀଷ୍ଟ ହେବା ଉଚିତ୍ । ଆମର ଗଭୀର ଇଚ୍ଛା ହେବା ଉଚିତ୍ । ପ୍ରଭୁଯୀଶୁ ଖ୍ରୀଷ୍ଟ, ମୁଁ ତୁମ ସାଦୃଶ୍ୟ ହେବାକୁ ଚାହେଁ, ଯେପରି ମୁଁ ତୁମ ନାମର ଗୌରବ କରିପାରିବି ।

ଏହାର ଅର୍ଥ ଆମେ ଆମର ଅଣଖ୍ରୀଷ୍ଟିୟାନ ସ୍ୱଭାବକୁ ଧରି ରଖିବା ପାଇଁ ଆମର ସଂସ୍କୃତି, ପାରିବାରିକ ପୃଷ୍ଠଭୂମି, ଅତୀତର ଅସଫଳତା ଓ ଅନ୍ୟମାନଙ୍କର ଖରାପ ଉଦାହରଣକୁ ବାହାନା ଭାବରେ ଉପଯୋଗ କରିବା ନାହିଁ । ବରଂ ଆମେ ଯେତେଥର ଅସଫଳ ହେଉ ସେତେଥର ଯୀଶୁଙ୍କୁ ପ୍ରାର୍ଥନା କରିବା ଉଚିତ୍- "ଯୀଶୁ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର, ମୋ ପରି ପାପୀ ପ୍ରତି ଦୟାକର ।"

**୨. ଅନ୍ୟମାନଙ୍କ ପ୍ରତି ଧ୍ୟାନ ନ ଦେଇ, ପବିତ୍ର ବାକ୍ୟର ଆଜ୍ଞାକାରୀ ହେବା ନିମନ୍ତେ ନିଷ୍ପତ୍ତି ନେବା ଉଚିତ୍-**

ଯୀଶୁ କହିଲେ, "ଯଦି ତୁମେ ମୋତେ ପ୍ରେମ କର, ତେବେ ମୋହର ଆଜ୍ଞାସବୁ ପାଳନ କର ।"ମାଥିଉ ୧୪:୧୫ ଅତଏବ ଆମେ ଈଶ୍ୱରଙ୍କ ବାକ୍ୟ ପାଳନ କରି ତାହାଙ୍କୁ ଆମର ପ୍ରେମ ପ୍ରକାଶ କରିଥାଉ । ଯଦି ଅନ୍ୟମାନେ ଅଯଥା ଗପସପ କରନ୍ତି ତେବେ ସେମାନଙ୍କ ସହିତ ଆମେ ସାମିଲ୍ ହେବା ନାହିଁ । ଯଦି ସେମାନେ ଅଧିକାରୀମାନଙ୍କ ବଶୀଭୂତ ହୁଅନ୍ତି ନାହିଁ ବା ସମାଲୋଚନାର ଭାବନା ପ୍ରଦର୍ଶନ କରନ୍ତି, ତେବେ ସେଥିରେ ଆମର କୌଣସି ଭାଗ ନାହିଁ । କାହିଁକି ? କାରଣ ଆମେ ଈଶ୍ୱରଙ୍କ ଇଚ୍ଛାକୁ ସଂପୂର୍ଣ୍ଣ କରିବାକୁ ମନୋନୟନ କରିଥାଉ, ଯେପରି ତାହାଙ୍କ ବାକ୍ୟ ଆମକୁ ନିର୍ଦ୍ଦେଶ ଦେଇଥାଏ । ଆମେ ଉପବାସ କରିଥାଉ, ଆମେ ପ୍ରାର୍ଥନା କରିଥାଉ, ଆମେ ଦାନ ଦେଇଥାଉ ଠିକ୍ ସେହିପରି ଯେପରି ପବିତ୍ର ଧର୍ମଶାସ୍ତ୍ର ଆମକୁ ନିର୍ଦ୍ଦେଶ ଦେଇଥାଏ ।

**୩. କୁସଙ୍ଗତିରୁ ପୃଥକ ରହିବା ।**

ଏକ ପୁରଣା ଉପଦେଶ ଯାହା ଏହି ପ୍ରକାର କୁହେ, "ତୁମେ କୁହ ତୁମର ବନ୍ଧୁମାନେ କିଏ, ଏବଂ ମୁଁ କହିବି ତୁମେ କିଏ ?" ହୁଏତ ଆମେ ଏହି ପ୍ରକାର ଭାବିପାରୁ, ଆମର ଘନିଷ୍ଠ ବନ୍ଧୁ କିଏ କିମ୍ବା ଆମେ କାହା ସହିତ ସମୟ କାଟିଥାଉ, ତାହା ହୁଏତ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ଏହା ଭାବିଥାଉ । କିନ୍ତୁ, ତାହା ଶତ୍ରୁର ସବୁଠାରୁ ବଡ଼ ପ୍ରତାରଣା, ନାକାରାତ୍ମକ ମୋନଭାବ, ମନ୍ଦଆତ୍ମା ଏବଂ ବିଦ୍ରୋହାତ୍ମକ ମନୋଭାବ ଏହି ସମସ୍ତ ଅଳ୍ପ ଅଳ୍ପ କରି ଆମକୁ ବିଷାକ୍ତ କରିଦିଏ । ସାଧୁ ପାଉଲ ଆଜ୍ଞା ଦିଅନ୍ତି, ଆମ୍ଭମାନଙ୍କ ଠାରୁ ପ୍ରାପ୍ତ ଶିକ୍ଷା ଅନୁସାରେ ଆଚରଣ ନ କରି ଆଳସ୍ୟ ଆଚରଣ କରେ, ତାହାଠାରୁ ଆପଣା ଆପଣାକୁ ପୃଥକ୍ କର । (୨ୟ ଥେସଲନିକୀୟ ୩:୬) ଭ୍ରାନ୍ତ ନ ହୁଅ, କୁସଂସର୍ଗ ଶିଷ୍ଟାଚାର ନଷ୍ଟ କରେ । (୧କରିନ୍ଥୀୟ ୬:୩୩)

ଖ୍ରୀଷ୍ଟରେ ମୋର ସନ୍ତାନମାନେ ଆମେ ଯେତେବେଳେ ରୂପାନ୍ତରଣର ଏହି ପର୍ବ ପାଳନ କରୁଛୁ, ଆମେ କେବେମଧ୍ୟ ଏହା ଭୂଲି ନ ଯାଉ ପରମେଶ୍ୱର ଚାହାଁନ୍ତି, ଆମେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହେଉ । (୨ୟ ପିତର ୧:୪)

ଆମେ ନିରନ୍ତର ଭାରତର ମଣିପୁର ରାଜ୍ୟ ନିମନ୍ତେ ପ୍ରାର୍ଥନା କରିବା, ଶାନ୍ତି ସ୍ଥାପନ ହେବା ନିମନ୍ତେ ଏବଂ ଆମର ପ୍ରିୟ ଭାଇଭଉଣୀମାନଙ୍କ ନିମନ୍ତେ ଯେପରି ସେମାନେ ସାହସିକ, ଉତ୍ସାହୀ ଏବଂ ଖ୍ରୀଷ୍ଟଙ୍କ ସଦୃଶ୍ୟ ହୋଇପାରିବେ, ଯଦିଓ ସେମାନେ କଠିନ ସମୟ ମଧ୍ୟ ଦେଇ ଗତି କରୁଛନ୍ତି ।

ଆମର ପ୍ରିୟ ଯୁବାଯୁବତୀ ମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଯେଉଁମାନଙ୍କୁ ପବିତ୍ର ମଣ୍ଡଳୀର ସେବାକାର୍ଯ୍ୟ ନିମିତ ପୁଣି ଆମର ସେମିନାରୀ ଗୁଡ଼ିକରେ ତାଲିମ୍ ପ୍ରାପ୍ତ ହେବା ନିମନ୍ତେ ମନୋନୀତ କରାଯାଇଅଛି ମଧ୍ୟ ଶିଷ୍ଟର୍ ଇଫ୍ କମ୍ପାସନ୍ ସେବାକାର୍ଯ୍ୟ ନିମନ୍ତେ, ପୁଣି ପବିତ୍ର ମଣ୍ଡଳୀର ସେବାକାର୍ଯ୍ୟ ନିମନ୍ତେ ମଧ୍ୟ ଆମେ ପ୍ରାର୍ଥନା କରିବା ।

ଖ୍ରୀଷ୍ଟରେ ଆପଣଙ୍କ ଆତ୍ମିକ ପିତା,

ଆଥନେସିୟୋସ୍ ଯୋହାନ୍ ୧ମ ମେଟ୍ରୋପଲିଟାନ୍ ।